# D.A.V. PUBLIC SCHOOLS, POKHARIPUT, BBSR
## PA-III (2020-2021)
## CLASS – IX SUBJECT –ODIA

**TIME- 90 MINUTES SET-I Maximum Marks -40**

**ସାଧାରଣ ନିର୍ଦ୍ଦେଶାବଳୀ :-**

ଏହି ପ୍ରଶ୍ନପତ୍ରରେ ସର୍ବମୋଟ ୪୦ଟି ପ୍ରଶ୍ନ ଅଛି ।

ପ୍ରତ୍ୟେକ ପ୍ରଶ୍ନର ୪ଟି ( କ ) (ଖ) (ଗ) (ଘ) ବହୁବୈକଳ୍ପିକ ଉତ୍ତର ପ୍ରଦାନ କରାଯାଇଛି ।

ସେଥିମଧ୍ୟରୁ ଠିକ୍ ଉତ୍ତରଟି ଉତ୍ତରମାଳାରୁ ଚିହ୍ନଟ କର ।

ସମସ୍ତ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ ।

**ଅନୁଚ୍ଛେଦଟି ପଢି ଠିକ ଉତ୍ତର ବାଛ । (୧ X ୫)**

ନାରୀ କବି କୁନ୍ତଳାକୁମାରୀ ସାବତ ବିପ୍ଳବୀମାନଙ୍କ ପାଇଁ ଉଦ୍ ବୋଧନ ମୂଳକ କବିତା ରଚନା କରି ସ୍ୱାଧୀନତା ସଂଗ୍ରାମକୁ ଗତିଶୀଳ କରି ଦେଉଥିଲେ । ସରକାର ତାଙ୍କର 'ଆହ୍ୱାନ' କବିତା ପୁସ୍ତକକୁ ବାଜ୍ୟାପ୍ତ କରିଦେଇଥିଲେ । ଏହି ଅବିଚାର ବିରୋଧରେ ଦେଶ ସାରା ଉତ୍ତେଜନା ବ୍ୟାପି ଯାଇଥିଲା । ସେତେବେଳେ ଜନସାଧାରଣଙ୍କ ଦୁରବସ୍ଥା ଏବଂ ଧନିକମାନଙ୍କର ଅଯଥା ବିଳାସ ସାଧାରଣ ମଣିଷର ଜୀବନକୁ ଅତିଷ୍ଠ କରିଦେଉଥିଲା । ଜାତୀୟତାବାଦ ଓ ବଳିଷ୍ଠ ଦେଶପ୍ରେମରେ ବୁଡ଼ିଯାଇ ସେ ତାଙ୍କ ଅନ୍ତରର ବେଦନାକୁ କବିତାରେ ରୂପ ଦେଉଥିଲେ । ତାଙ୍କ ଲେଖାରୁ ପ୍ରେରଣା ପାଇ ସତ୍ୟାଗ୍ରହୀମାନେ ତତ୍ପର ହୋଇ ଉଠୁଥିଲେ । ଜନତାଙ୍କ ଦାବି ଆଗରେ ଶେଷକୁ ବିଦେଶୀ ସରକାର ମୁଣ୍ଡ ନୁଆଁଇଲେ । ଭାରତ ସ୍ୱାଧୀନ ହେଲା । ରୋଗୀସେବା କୁନ୍ତଳା କୁମାରୀଙ୍କର ପ୍ରଧାନ କର୍ତ୍ତବ୍ୟ ଥିଲେ ହେଁ ମନର ବହୁ ଅକୁହା ବେଦନା ଓ ଦେଶପ୍ରେମ ତାଙ୍କୁ ସାହିତ୍ୟ ସେବା କରିବା ପାଇଁ ଅନୁପ୍ରାଣିତ କରିଥିଲା । ସାହିତ୍ୟ ହିଁ ତାଙ୍କ ଜୀବନ । ଦେଶପ୍ରେମ ଓ ସମାଜ ସଂସ୍କାରରେ ଉଦ୍-ବୁଦ୍ଧ ହୋଇ ସେ ଆର୍ଯ୍ୟ ସମାଜରେ ଯୋଗ ଦେଇଥିଲେ । ସେ କୃଷ୍ଣ ପ୍ରସାଦ ବ୍ରହ୍ମଚାରୀଙ୍କୁ ବିବାହ କରିଥିଲେ । ସେ ମଧ୍ୟ ଜଣେ ଡାକ୍ତର ଥିଲେ । ଉଭୟ ସ୍ୱାମୀ ସ୍ତ୍ରୀ ମିଶି ସୁଚାରୁରୂପେ ରୋଗୀମାନଙ୍କର ସେବା କରୁଥିଲେ । ଏହି ସମୟରେ କୁନ୍ତଳା କୁମାରୀ "ପ୍ରେମ ଚିନ୍ତାମଣି" ଗୀତିଗୁଚ୍ଛ ରଚନା କରିଥିଲେ । ଏହା ଛଡ଼ା ତାଙ୍କର "ରଘୁ ଅରକ୍ଷିତ" ଉପନ୍ୟାସ ସେହି ସମୟର ରଚନା । ସେ ଏହି ଉପନ୍ୟାସରେ ତତ୍କାଳୀନ ସମାଜରେ ପ୍ରଚଳିତ ନାନା ଅନ୍ୟାୟ ଅନାଚାର ବିଷୟ ନିଖୁଣ ଭାବରେ ବର୍ଣ୍ଣନା କରିଛନ୍ତି ।

୧) ସରକାର କୁନ୍ତଳା କୁମାରୀଙ୍କର କେଉଁ କବିତା ପୁସ୍ତକକୁ ବାଜ୍ୟାପ୍ତ କରି ଦେଇଥିଲେ ?

i)ରଘୁ ଅରକ୍ଷିତ

ii)ପ୍ରେମ ଚିନ୍ତାମଣି

iii)ଗୀତିଗୁଚ୍ଛ

iv)**ଆହ୍ୱାନ**

୨) କୁନ୍ତଳା କୁମାରୀଙ୍କର ପ୍ରଧାନ କର୍ତ୍ତବ୍ୟ କ'ଣ ଥିଲା ?

i)କବିତା ରଚନା

ii)**ରୋଗୀସେବା**

iii)ରିଲିଫ ବାଣ୍ଟିବା

iv)ସରକାରଙ୍କୁ ବିରୋଧ କରିବା

୩) କୁନ୍ତଳା କୁମାରୀଙ୍କର ସ୍ୱାମୀ  ପେଶାରେ କ'ଣ ଥିଲେ ?

i)ଓକିଲ

ii**)ଡାକ୍ତର**

iii)ଇଞ୍ଜିନିୟର

iv)ବୈଜ୍ଞାନିକ

୪) କେଉଁ ପୁସ୍ତକରେ କୁନ୍ତଳା କୁମାରୀ ତତ୍କାଳୀନ ସମାଜରେ ପ୍ରଚଳିତ ନାନା ଅନ୍ୟାୟ ଅନାଚାର ବିଷୟ ବର୍ଣ୍ଣନା କରିଛନ୍ତି?

i)**ରଘୁ ଅରକ୍ଷିତ**

ii)ପ୍ରେମ ଚିନ୍ତାମଣି

iii)ଗୀତିଗୁଚ୍ଛ

iv)ଆହ୍ୱାନ

୫) କୁନ୍ତଳା କୁମାରୀ କାହିଁକି ଆର୍ଯ୍ୟ ସମାଜରେ ଯୋଗ ଦେଲେ ?

i)ସ୍ୱାମୀଙ୍କ ପ୍ରେରଣାରୁ

ii) **ଦେଶପ୍ରେମ ଓ ସମାଜ ସଂସ୍କାରରେ ଉଦ୍-ବୁଦ୍ଧ ହେବାରୁ**

iii)କବିତା ଲେଖିବା କାରଣରୁ

iv)ସରକାରଙ୍କ ସହଯୋଗ କରିବା ପାଇଁ

**କବିତା ଅଂଶଟି ପଢି ଠିକ  ଉତ୍ତର ବାଛ । (୧ X ୫)**

ମହାବୀର  ମହାପ୍ରୟାଣ ରଚିଲା ଆଜି
  ତା' ମହାଜାତିର ଗର୍ବ ଗଲା ଯେ ଭାଜି ,
ଅନୀକିନୀ ତା'ର ସ୍ତମ୍ଭିତେ ଅଛି ରହି
  ପ୍ରତି କରେ କରେ ପତାକା ଯାଇଛି ନଇଁ ।
ପ୍ରତି ହିୟା ଘେରି ଘୋଟିଛି ଅନ୍ଧକାର
  ଅଧରେ କେବଳ ତା'ରି ନାମ ଉଚ୍ଚାର,
ଘରେ ଘରେ ଉଠେ କ୍ରନ୍ଦନ-ରୋଳ ବାଜି
  ବିରାଟ ଓଡିଆ ଜାତି ମଥାମଣି ଭୂତଳେ ଖସିଲା ଆଜି ।
ନାଗରେ ନାଗରେ ନାଗରିକେ  ଆଜି
  ନୟନେ ଅଶ୍ରୁ ଭରି,
ଆସ ହେ ସକଳେ ରାଜପଥ ପରେ
  ଚରଣ ନମ୍ର କରି ।
ମଥା ନତ କରି ସମ୍ମାନ କର
  ସ୍ୱର୍ଗତ ମହାଜନେ ,
ତୁମ ମେଳେ କହ ଅଛି  କିଏ ଆଉ
  ତାହାପରି ଆଉ ଜଣେ ।

6) କାହାର ଗର୍ବ ଭାଜି ଗଲା?

i) ମହାବୀରର

ii) ଦେଶର

iii) **ମହାଜାତିର**

iv) ଲୋକମାନଙ୍କର

7) ପ୍ରତି କରରେ କ'ଣ ନଇଁ ଯାଇଛି ?

i) **ପତାକା**

ii) ଲାଠି

iii) ଅସ୍ତ୍ର

iv) ବସ୍ତ୍ର

8) ଓଡିଆ ଜାତିର ମଥାମଣି କେଉଁଠି ଖସି ପଡିଲା ?

i) ରସାତଳେ

ii) **ଭୂତଳେ**

iii) ପାତାଳରେ

iv) ଆକାଶରେ

9) ନାଗରିକମାନେ ନୟନରେ କ'ଣ ଧାରଣ କରିବେ ?

i) ଅଗ୍ନି

ii) କ୍ରୋଧ

iii) **ଅଶ୍ରୁ**

iv) ସ୍ମିତ ହାସ୍ୟ

10) କବି ସ୍ୱର୍ଗତ ମହାଜନଙ୍କୁ କିପରି ସମ୍ମାନ ପ୍ରଦର୍ଶନ କରିବାକୁ କହିଛନ୍ତି ?

i) ଆଖି ଖୋଲି

ii) ଆଖି ବନ୍ଦ କରି

iii) ହୃଦୟ ଢାଳି

iv) **ମଥାନତ କରି**

**୧୧)** କନ୍ୟାରତ୍ନ ର ବିଗ୍ରହ ବାକ୍ୟ କ'ଣ ହେବ**?**

(**i**) କନ୍ୟା ଅଟେ ରତ୍ନ

(**ii**) କନ୍ୟା ପରି ରତ୍ନ

(**iii**) **କନ୍ୟା ରୂପକ ରତ୍ନ**

(**iv**) କନ୍ୟା ଓ ରତ୍ନ

୧୨) ଅଧରବିମ୍ବ  ର ବିଗ୍ରହ ବାକ୍ୟ କ'ଣ  ହେବ**?**

(i) ଅଧର  ଅଟେ ବିମ୍ବ

(ii) ଅଧର  ପରି ବିମ୍ବ

(iii) ଅଧର ବିମ୍ବ ଅଟେ

(iv) **ଅଧର ବିମ୍ବ ପରି**

**୧୩)** ରେଳ ଉପରେ ଚାଲୁଥିବା ଗାଡି **-**ବିଗ୍ରହ ବାକ୍ୟଟିର ସମାସର ନାମ କ'ଣ ?

i) ଉପମିତ କର୍ମଧାରୟ

(ii) **ମଧ୍ୟପଦଲୋପୀ କର୍ମଧାରୟ**

(iii) ରୂପକ କର୍ମଧାରୟ

(iv) ଉପମାନ କର୍ମଧାରୟ

**୧୪)** ସଗୋତ୍ର  ର ବିଗ୍ରହ ବାକ୍ୟ କ'ଣ  ହେବ**?**

(i) ଗୋତ୍ର ସହ ବିଦ୍ୟମାନ

(ii) **ସମାନ ଗୋତ୍ର ଯାହାର**

(iii) ସମାନ ଅଟେ ଗୋତ୍ର

(iv)  ଗୋତ୍ର ସହ ସମାନ

୧୫) ସୂର୍ପଣଖା   ର ବିଗ୍ରହ ବାକ୍ୟ କ'ଣ  ହେବ**?**

(i) ସୂର୍ପ ନଖ ପରି ନଖ ଯାହାର

(ii) ସୂର୍ପ ଅଟେ ନଖ

(iii) ନଖ ଅଟେ ସୂର୍ପ

(iv) **ସୂର୍ପ ପରି ନଖ ଯାହାର**

୧୬) ନାହିଁ ଆକାର ଯାହାର  -ବିଗ୍ରହ ବାକ୍ୟଟିର ସମାସର ନାମ କ'ଣ ?

i) **ନିଷେଧାର୍ଥକ ବହୁବ୍ରୀହି**

(ii) ବ୍ୟତିହାର ବହୁବ୍ରୀହି

(iii) ସହାର୍ଥକ ବହୁବ୍ରୀହି

(iv) ଉପମିତ ବହୁବ୍ରୀହି

୧୭) ଯଥାବିଧିର ବିଗ୍ରହ ବାକ୍ୟ କ'ଣ  ହେବ**?**

(i) ବିଧି ସହିତ

(ii) **ବିଧିକୁ ଅତିକ୍ରମ ନ କରି**

(iii) ଯଥା ଅଟେ ବିଧି

(iv) ବିଧି ଅଟେ ଯଥା

୧୮) ବନ୍ଦୋବସ୍ତର ଅଭାବ -ବିଗ୍ରହ ବାକ୍ୟଟିର ସମାସର ନାମ କ'ଣ ?

i) ତତ୍ ପୁରୁଷ

(ii) କର୍ମଧାରୟ

(iii) ବହୁବ୍ରୀହି

**(iv) ଅବ୍ୟୟୀଭାବ**

୧୯) ମାର୍ଗଶିର – ଶବ୍ଦର ଠିକ୍ ଗଠନରୀତି ବାଛି ଲେଖ

(କ) **ମୃଗଶିରା + ଅ**

(ଖ) ମୃଗଶୀରା + ଅ

(ଗ) ମୃଗସୀରା + ଅ

(ଘ) ମୃଗସିରା + ଅ

୨୦) ଭୟାଳୁ – ଶବ୍ଦର ଠିକ୍ ଗଠନରୀତି ବାଛି ଲେଖ

(କ) ଭୟ + ଅଳୁ

(ଖ) ଭୟା + ଳୁ

(ଗ) ଭୟା + ଆଳୁ

(ଘ) **ଭୟ + ଆଳୁ**

୨୧)ଶଙ୍ଖାରି – ଶବ୍ଦର ଠିକ୍ ଗଠନରୀତି ବାଛି ଲେଖ

(କ) ଶଙ୍ଖା+ଅରି

(ଖ) **ଶଙ୍ଖା+ଆରି**

(ଗ) ଶଙ୍ଖ+ଅରି

(ଘ) ଶଙ୍ଖ+ଆରି

୨୨) ସରୁଆ – ଶବ୍ଦର ଠିକ୍ ଗଠନରୀତି ବାଛି ଲେଖ

(କ) **ସରୁ+ଆ**

(ଖ) ସର+ଉଆ

(ଗ) ସରୁ+ଉଆ

(ଘ) ସରୁ+ଅ

23. ଫଳର ଆଶା ରଖି ବନ୍ଧୁତା କଲେ କ'ଣ ମିଳେ?

(ଗ) ନିଆଁ

(ଖ) କିଆଁ

(ଗ) **ଚିଆଁ**

(ଘ) ଡିଆଁ

24. ଅଧିକାଂଶ ବ୍ୟକ୍ତି ଲେଖକଙ୍କ ମୁଣ୍ଡରେ ନଡିଆ ଭାଙ୍ଗି କଣ ଖାଉଥିଲେ ?

(କ) **ଉଖୁଡା**

(ଖ) ଖଜା

(ଗ) ରସଗୋଲା

(ଘ) ଜିଲାପି

25. ପ୍ରକୃତ ବନ୍ଧୁ ମିତ୍ର ମାନଙ୍କର କେଉଁ ଗୁଣକୁ ପ୍ରକଟିତ କରନ୍ତି?

(କ) ମନ୍ଦ

(ଖ) ଭଲ

(ଗ) **ଅପ୍ରକଟିତ**

(ଘ) ଅଦୃଷ୍ଟ

26. ଲେଖକଙ୍କ କେତେ ବର୍ଷ ଅଣହେଜ ଅବସ୍ଥାରେ କଟିଲା?

**(କ)** ବାର

(ଖ) ଏଗାର

(ଗ) ତେର

(ଘ) **ଦଶ**

27. ପ୍ରକୃତ ବନ୍ଧୁ ପ୍ରବନ୍ଧ କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା**?**

(କ) ଅଞ୍ଜଳି

(ଖ) ଅର୍ଚ୍ଚନା

(ଗ) **ଭଞ୍ଜ ପ୍ରଦୀପ**

(ଘ) ପରଶମଣି

28. କେଉଁ ଗ୍ରନ୍ଥଟି ପ୍ରାବନ୍ଧିକ ଙ୍କର ଏକ କାଳଜୟୀ ନିଦର୍ଶନ?

(କ) ନନାଙ୍କ ବସ୍ତାନି

(ଖ) ବାଇନାନୀଙ୍କ ବୁଜୁଳି

(ଗ) ଆମ ଘରର ହାଲଚାଲ

(ଘ) **ପୂର୍ଣ୍ଣଚନ୍ଦ୍ର ଓଡିଆ ଭାଷାକୋଷ**

29. ପ୍ରାବନ୍ଧିକ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ କେଉଁ ବିଦ୍ୟା ହାସଲ କରିଥିଲେ?

(କ) ଡାକ୍ତରୀ

(ଖ) **ଆଇନ**

(ଗ) ଯାନ୍ତ୍ରିକ

(ଘ) ଚିତ୍ରକଳା

30. ଓଡ଼ିଆ ଜାତିର କର୍ମବୀର କିଏ?
(କ) ରାଧାନାଥ ରଥ
(ଖ) ହରେକୃଷ୍ଣ ମହତାବ
(ଗ) ଗୋପବନ୍ଧୁ ଚୌଧୁରି
(ଘ) **ଗୋପବନ୍ଧୁ ଦାସ**
31. କବି ମରଣକୁ କ'ଣ ଜଣାଇବାକୁ ଚାହିଁଛନ୍ତି?
(କ) **ଗୋପବନ୍ଧୁଙ୍କ ଲୋକପ୍ରିୟତା**
(ଖ) ଗୋପବନ୍ଧୁଙ୍କ ସାହସିକତା
(ଗ) ଗୋପବନ୍ଧୁଙ୍କ ବଦାନ୍ୟତା
(ଘ) ଗୋପବନ୍ଧୁଙ୍କ ମାନବିକତା
32. କବି କେଉଁ ମାନଙ୍କୁ ଗବାକ୍ଷ ନିକଟରେ ଠିଆ ହୋଇ ଗୋପବନ୍ଧୁଙ୍କ ମର ଶରୀରକୁ ସମ୍ମାନ ଜଣାଇବା ପାଇଁ କହିଛନ୍ତି?
(କ) ନଗରବାସୀଙ୍କୁ
(ଖ) ଗ୍ରାମବାସୀଙ୍କୁ
(ଗ) ଅଯୋଧ୍ୟାବାସୀଙ୍କୁ
(ଘ) **କୁଳବଧୂମାନଙ୍କୁ**
33. କବି ଲୋକମାନଙ୍କୁ ରାଜପଥରେ କିପରି ଯିବାକୁ କହିଛନ୍ତି?
(କ) ଜୋତା ପିନ୍ଧି
(ଖ) **ଖାଲି ପାଦ**
(ଗ)ଚପଲ ପିନ୍ଧି
(ଘ) କଠାଉ ପିନ୍ଧି
34. ଗୋପବନ୍ଧୁଙ୍କ ମୃତ୍ୟୁରେ ଓଡ଼ିଆ ଜାତିର କ'ଣ ଭାଙ୍ଗିଗଲା?
(କ) **ଗର୍ବ**
(ଖ) ସୁଖ
(ଗ) ଶାନ୍ତି
(ଘ) ଶୋଭା
35. ଗୋପବନ୍ଧୁଙ୍କ ମୃତ୍ୟୁରେ ଘରୁ ଘରୁ କଣ ଶୁଭାଯାଉଛି?
(କ) ବାଦ୍ୟ ରୋଳ
(ଖ) ହାସ୍ୟ ରୋଳ
(ଗ) **କ୍ରନ୍ଦନ ରୋଳ**
(ଘ) ବୀଭତ୍ସ ରୋଳ

36. ଗୋପ ପ୍ରୟାଣ କବିତାଟି କେଉଁ ପୁସ୍ତକରୁ ଆନୀତ?

(କ) ଧୂପ

(ଖ) ହେମଶସ୍ୟ

(ଗ) ହେମପୁଷ୍ପ

(ଘ) **ମାଟିବାଣୀ**

37. ଲକ୍ଷ୍ମୀ କେତେ ଦିନ ଜ୍ୱରରେ ପଡିଲା?

(କ) ଦିନେ

(ଖ) ଦୁଇ

(ଗ) **ତିନି**

(ଘ) ଚାରି

38. 'ପଣ୍ଡିତଙ୍କୁ ଡରି ଲକ୍ଷ୍ମୀ କେଉଁଠିକୁ ପଶିଗଲା ?

(କ) କୂଅ

(ଖ) ନଦୀ

(ଗ) ନାଳ

(ଘ) **ପୋଖରୀ**

39. ଲକ୍ଷ୍ମୀ କେତେ ଦିନ ଧରି ଠାକୁରଙ୍କ ପାଖକୁ ଯିବାପାଇଁ ଚେଷ୍ଟା କରୁଥିଲା ?

(କ)ବର୍ଷେ

(ଖ) **ମାସେ**

(ଗ) ଦୁଇ ଦିନ

(ଘ) ସପ୍ତାହେ

40. ଲକ୍ଷ୍ମୀ ଠାକୁରଙ୍କ ପାଖରୁ କେତୋଟି କଦଳୀ ଆଣିଲା?

(କ) **ଦୁଇ**

(ଖ) ତିନି

(ଗ) ଚାରି

(ଘ) ପାଞ୍ଚ